ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ୩ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୫।୧୦ (ପବନ ପାଣିଗ୍ରାହୀ)

୩ଜଣ ଫେରାର ଅଭିଯୁକ୍ତଙ୍କୁ ସଦର ଓ ଟାଉନ ଥାନା ପୋଲିସ ଗୁରୁବାର ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖ୍ରୀଷ୍ଟିଆନପେଟାର ଟି.ଗୁଞ୍ଜୁ ଓ ପାୱାର ହାଉସ କଲୋନିର ସୋମନାଥ ଜାନି ଓ ଶିବଗୁଡା ଗ୍ରାମର ଶମ୍ଭୁରୁ ରଣା। ଟାଉନ ଥାନା ଅଞ୍ଚଳର ଗୁଞ୍ଜୁଙ୍କ ନାମରେ ୨୦୧୩ରୁ ଟାଉନ ଥାନାରେ ଏକ ଅପରାଧିକ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ। ସେହିପରି ସୋମନାଥଙ୍କ ନାମରେ ଥାନାରେ ୨୦୧୫ରୁ ଏକ ଆପରାଧିକ ମାମଲା ରହିଥିଲା। ସେ ମଧ୍ୟ ମାମଲା ପରଠାରୁ ଫେରାର ଥିଲେ ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। ସେହିପରି ଜୟପୁର ସଦର ଥାନା ପୋଲିସ ଫେରାର ଅଭିଯୁକ୍ତ ଶମ୍ଭୁରୁଙ୍କୁ ଗିରଫ କରିଛି। ତାଙ୍କ ନାମରେ ସଦର ଥାନାରେ ୨୦୧୩ରୁ ଆପରାଧିକ ମାମଲା ରହିଥିଲା। ସେ ସେବେଠାରୁ ଫେରାର ଥିଲେ।

### ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ଜାମିନ

ବ୍ରହ୍ମପୁର,୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ଅଭିଯୁକ୍ତ ବି .ଶ୍ରୀନିବାସ ରେଡ୍ଡୀଙ୍କ ଜାମିନ ପାଇଁ ତାଙ୍କ ଓକିଲ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ନିର୍ଦ୍ଦେଶକ୍ରମେ ମୁଦାଲାଙ୍କ ଓକିଲ ପ୍ରଦୀପ କୁମାର ଶତପଥୀ ସ୍ୱତନ୍ତ୍ର ପୋକ୍‌ସୋ ଜଜଙ୍କ କୋର୍ଟରେ ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ପୋକ୍‌ସୋ ଜଜ ପ୍ରଭାତ କୁମାର ରାଜଗୁରୁ ଅଭିଯୁକ୍ତ ଶ୍ରୀନିବାସଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ୨୦୧୯ ଫେବୃଆରୀ ୨୨ରେ ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀ ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। କିଛି ମାସ ପରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ସୁରଟ ଯାଇ ସେଠାରୁ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଅପହରଣକାରୀଙ୍କୁ ଧରିପାରି ନ ଥିଲା। ପୀଡ଼ିତା ଛାତ୍ରୀ ବୟାନ ଦେଇଥିଲେ ଯେ, ଜଣେ ଯୁବକ ତାଙ୍କୁ ପ୍ରଲୋଭିତ କରି ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସୁରଟ ନେଇ ତାଙ୍କ ଇଚ୍ଛା ବିରୋଧରେ ବାରମ୍ବାର ବଳାତ୍କାର କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା। ଦୀର୍ଘବର୍ଷ ଧରି ଫେରାର ଥିବା ଅଭିଯୁକ୍ତ ଶ୍ରୀନିବାସ ଗତ ସେପ୍ଟେମ୍ବର ୫ ତାରିଖରେ ସ୍ୱତନ୍ତ୍ର ପୋକସୋ ଜଜ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

### ବାଘୁଆ ବିରୁଡ଼ି ଆକ୍ରମଣରେ ୫ ଗୁରୁତର ଆହତ

ମୋହନା,୫।୧୦(ମନ୍ମଥ ମିଶ୍ର)

ମୋହନା ପଞ୍ଚାୟତ ଅନ୍ତର୍ଗତ ଖାରିକୁଆ ଗାଁର ଗୁରୁବାର ବାଘୁଆ ବିରୁଡ଼ି ଆକ୍ରମଣରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଖାରିକୁଆର ସୁଣ୍ଡମି ରଇତ ଓ ସୁଶିଳା ଶବର ଗୁରୁତର ହୋଇଥିବା ବେଳେ ସୁରଭି ଶବର, ସୁଶନି ଶବର, ରଶ୍ମିତା ଗମାଙ୍ଗ ଆହତ ହୋଇଛନ୍ତି। ଗାଁର କିଛି ମହିଳା ଓ ଯୁବତୀ ଭାଲିଆ ବଣ ସଫା କରିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଲଟାବୁଦା ସଫା କରୁଥିବା ବେଳେ ଭାଲିଆ ଗଛରେ ବସା ବାନ୍ଧିଥିବା ବିରୁଡ଼ି ଦଳବଦ୍ଧ ଭାବେ ହଠାତ୍ ସମସ୍ତଙ୍କୁ ଆକ୍ରମଣ କରିଥିଲେ। ସମସ୍ତ ଆହତଙ୍କୁ ପରିବାର ଲୋକେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ନାଗାବଳୀରୁ ଆନ୍ଧ୍ରକୁ ବେଆଇନ ବାଲି ଚାଲାଣ

- ୨ ଟ୍ରକ୍, ଏକ୍ସାଭେଟର ଜବତ
- ମେଶିନରେ ବାଲି ଖନନ ଯୋଗୁ କୂଳ ଲଂଘୁଛି ନଦୀ

ରାୟଗଡ଼ା,୫।୧୦ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ପ୍ରବାହିତ ଚିରସ୍ରୋତା ନାଗାବଳୀ ନଦୀରୁ ବେଆଇନ ଭାବେ ବାଲି ଖନନ କରାଯାଇ ପ୍ରତିଦିନ ୫୦ରୁ ୬୦ ଟ୍ରକ୍ ଆନ୍ଧ୍ରପ୍ରଦେଶ ଚାଲାଣ ହେଉଛି। ନଦୀ ଗର୍ଭରେ ବଡ଼ ବଡ଼ ମେଶିନ ଲଗାଇ ବାଲି ଖନନ କରାଯାଉଥିବାରୁ ନାଗାବଳୀ ନଦୀ ଏବେ କୂଳ ଲଂଘିବା ପରିସ୍ଥିତିକୁ ଆସିଗଲାଣି। ରାୟଗଡ଼ା ବ୍ଲକ ଖିଲମିସଗୁଡ଼ାସ୍ଥିତ ନାଗାବଳୀ ନଦୀ ତଟରୁ ବାଲି ଖନନ ବେଳେ ଗୁରୁବାର ରାଜସ୍ୱ ବିଭାଗ ପକ୍ଷରୁ ୨ ଟ୍ରକ୍ ଓ ଏକ ଏକ୍ସାଭେଟର ଜବତ କରାଯାଇଛି।

ଖିଲମିସଗୁଡ଼ାସ୍ଥିତ ନାଗାବଳୀ ନଦୀ ତଟରୁ ବାଲି ଖନନ କରାଯାଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ବିଜୟନଗରମ ସହରକୁ ଚାଲାଣ କରାଯାଉଛି। ଖଣି ବିଭାଗର ଅପାରଗତା ଓ ଦୁର୍ନୀତି ମନୋଭାବ ଯୋଗୁ ଆନ୍ଧ୍ରପ୍ରଦେଶର ବାଲି ମାଫିଆମାନେ ଏହି ବେଆଇନ କାରବାର କରୁଥିବା ଅଭିଯୋଗ ହୋଇଛି। ବାଲି ଚୋରା ଚାଲାଣ ହେଉଥିବା ଜିଲାପାଳ ସ୍ୱାଧାଦେବ ସିଂ ଖବରପାଇବା ପରେ ବୁଧବାର ତହସିଲଦାରଙ୍କୁ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଓ ଅତିରିକ୍ତ ତହସିଲଦାର ପର୍ଶୁରାମ ଭତରା ଗୁରୁବାର ଖିଲମିସଗୁଡ଼ା ଯାଇ ତଦନ୍ତ କରିଥିଲେ । ୨ଟି ଟ୍ରକ୍‌ରେ ବାଲି ଚୋରା ଚାଲାଣ ହେଉଥିବାବେଳେ ରାଜସ୍ୱ ବିଭାଗ ଧରିଥିଲା। ଗୋଟିଏ ଟ୍ରକ୍ ପାଖରେ ୱାଇ-ଫର୍ମ ରହିଥିବା ବେଳେ ଅନ୍ୟ ଟ୍ରକ୍ ପାଖରେ ୱାଇ ଫର୍ମ ନ ଥିଲା। ତଥାପି ବେନିୟମ ଭାବରେ ବାଲି ଚାଲାଣ କରାଯାଉଥିବାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଅନ୍ୟ ଏକ ଟ୍ରକ୍‌କୁ ଜବତକରି ତହସିଲ କାର୍ଯ୍ୟାଳୟ ଆଣିଥିଲେ। ଏହି ଟ୍ରକ୍‌କୁ ୧ ଲକ୍ଷ ଟଙ୍କା ଜରିମାନା ପକାଯାଇଥିବା ଅତିରିକ୍ତ ତହସିଲଦାର ଭତରା କହିଛନ୍ତି। ତେବେ ନଦୀ ଗର୍ଭରେ ଖନନ କରୁଥିବା ଏକ ଏକ୍ସାଭେଟର କୁ ମଧ୍ୟ ଜବତ କରାଯାଇଛି। ମେଶିନ ବାବଦରେ ଜରିମାନା ପକାଇବା ପାଇଁ ନିଷ୍ପତ୍ତି ହୋଇ ନାହିଁ। ଏ ବାବଦରେ ସମ୍ପୂର୍ଣ୍ଣ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ତହସିଲଦାର ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି। ତେବେ ବାଲି ଚୋରା ଚାଲାଣ ସମ୍ପୂର୍ଣ୍ଣ ରୋକିବା ଓ ବେଆଇନ ଖନନ ବନ୍ଦ କରିବା ପାଇଁ ଖଣି ବିଭାଗ ବର୍ତ୍ତମାନ ସୁଦ୍ଧା ଏନ୍‌ଫୋର୍ସମେଣ୍ଟ ଗଠନ କରିନାହିଁ, ଯାହାକି ମାଫିଆମାନଙ୍କୁ ବେଶ୍ ସୁହାଉଛି। ଏହା ପଛରେ ଏକ ବଡଧରଣର ରାକେଟ ଚାଲିଥିବା ଅଭିଯୋଗ ହୋଇଛି।



ଜବତ ବାଲି ଟ୍ରକ୍।

# ସ୍କୁଲ ବସ୍ ଯାଞ୍ଚ, ୬୫ ହଜାର ଜରିମାନା


ଆଞ୍ଚଳିକ ପରିବହନ ଅଧିକାରୀମାନେ ସ୍କୁଲ ବସ୍‌ର କାଗଜପତ୍ର ଯାଞ୍ଚ କରୁଛନ୍ତି।

ରାୟଗଡ଼ା,୫।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହରରେ ବିନା କାଗଜପତ୍ରରେ, ପିଲାଙ୍କ ସୁରକ୍ଷାକୁ ଧ୍ୟାନ ନ ଦିଆଯାଇ ସ୍କୁଲ ବସ୍, ଅଟୋ, ଟାଟା ମ୍ୟାଜିକ ଚଳାଚଳ କରୁଥିବା ଅଭିଯୋଗ ହୋଇଆସୁଥିଲା। ରାଜ୍ୟ ପରିବହନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆର୍‌ଟିଓ ଇନସ୍ପେକ୍ଟର ଜେ. ଭରାଶାଗରିଆ ଓ ଟିମ୍ ପକ୍ଷରୁ ସ୍କୁଲ ବସ୍ ଯାଞ୍ଚ କରାଯାଇଥିଲା। ରାୟଗଡ଼ା ସହରର କପିଳାସ ଛକ ନିକଟରେ ମୋଟି ୧୨ ଟି ସ୍କୁଲ ବସ୍ ଯାଞ୍ଚ କରାଯାଇଛି । ଯାଞ୍ଚ ସମୟରେ ଉପଯୁକ୍ତ କାଗଜ ପତ୍ର ନ ଥିବାରୁ ୬ ବସ୍‌ରୁ ପ୍ରାୟ ୬୫ ହଜାର ଟଙ୍କା ଫାଇନ କରାଯାଇଛି । ଏଥିସହ ୨ଟି ବସ୍‌କୁ ଜବତ କରାଯାଇଥିବା ଆର୍‌ଟିଓ ଇନ୍‌ସ୍ପେକ୍ଟର ଭରାଶାଗରିଆ ସୂଚନା ଦେଇଛନ୍ତି। ସ୍କୁଲ ବସ୍‌ଗୁଡିକର ଫିଟ୍‌ନେସ, ପରମିଟ, ଟାକ୍ସ, ଲାଇସେନ୍ସ, ପିଲାମାନଙ୍କୁ ନେବା ସମୟରେ ଗାଡ଼ିରେ ସେଫ୍ଟି ଇକ୍ୟୁପମେଣ୍ଟ ଯଥା ଜାଲି ଲଗାଯାଇଛି କି ନାହିଁ ସ୍ପିଡ୍ ଲିମିଟ ଡ୍ରାଇଭ ଆଦି ଯାଞ୍ଚ କରାଯାଇଥିଲା।

# ସିଜିମାଳି ଖଣି ଖନନ ସମର୍ଥନରେ ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ହୋଇଥିବା ଖଣି ଅଞ୍ଚଳବାସୀ।

ରାୟଗଡ଼ା,୫।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ସିଜିମାଳି ଖଣି ଖନନକୁ ସମର୍ଥନ ଜଣାଇ ଅଞ୍ଚଳବାସୀ ଏକ ବିଶାଳ ଶୋଭାଯାତ୍ରା କରିଛନ୍ତି । ଖଣି ଖନନକୁ ସମର୍ଥନ କରି କାଶୀପୁର ବ୍ଲକର ୨୪ ପଞ୍ଚାୟତର ଲୋକ ଏକତ୍ରିତ ହୋଇ ଖଣି ସପକ୍ଷରେ ନାରାବାଜି କରିଥିଲେ । ଆସନ୍ତା ୧୬ ତାରିଖରେ ପରିବେଶ ମଞ୍ଜୁର ନେଇ ଜଣଶୁଣାଣି ହେବାକୁ ଥିବା ବେଳେ ଏହାକୁ ସମର୍ଥନ ଜଣାଇ ସ୍ଥାନୀୟ ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ସମର୍ଥକ ଏହି ରାଲିରେ ଯୋଗଦେଇଥିଲେ । ଏଥିସହ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି । କାଶୀପୁର ସ୍ଥାନୀୟ ହନୁମାନ ମନ୍ଦିର ଓ ହେଲିପ୍ୟାଡ୍ ପଡ଼ିଆରୁ ନାଚ, ଗୀତ ଓ ବାଜା ସହ ବିରାଟ ଶୋଭାଯାତ୍ରାରେ ଆସି କାଶୀପୁର ଥାନାରେ ପହଞ୍ଚି ଏସ୍‌ପି ବିବେକାନନ୍ଦ ଶର୍ମା ଓ ଅତିରିକ୍ତ ତହସିଲଦାର କୁଶ ଗରଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସିଜିମାଳି ଖଣି ଖନନ କରିବା ସହିତ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ କରିବାକୁ ଅଞ୍ଚଳର ଗାଁ ମୁଖିଆମାନେ ଦାବି କରିଛନ୍ତି । ବିଗତ ୩୦ ବର୍ଷ ମଧ୍ୟରେ ଉଭୟ କାଶୀପୁର ଅଞ୍ଚଳବାସୀ କାମଧନ୍ଦା ନ ପାଇ ପଡୋଶୀ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ତୁରନ୍ତ କାରଖାନା ସ୍ଥାପନା ହେଲେ ଜିଲାର ଲୋକେ ବିଭିନ୍ନ କର୍ମ, ଧନ୍ଦାରେ ନିୟୋଜିତ ହେବା ସହ ରୋଜଗାର ପନ୍ଥା ବଢ଼ିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତ।

### ଯୁବକଙ୍କ ଗଳିତ ମୃତଦେହ ଜବତ

ଚିକିଟି,୫।୧୦(ପ୍ରକାଶ ଚନ୍ଦ୍ର ସାହୁ)

କ.ନୂଆଗାଁ ଥାନା ଅନ୍ତର୍ଗତ ମାଉନ୍ଦପୁର ଗ୍ରାମ ନିକଟରେ ଗୁରୁବାର କେନୂଆଗାଁ ପୋଲିସ ଏକ ଗଳିତ ମୃତଦେହ ଜବତ କରିଛି। ସେ ହେଲେ ଚିକିଟି ପେଣ୍ଠର ମୁରଲୀ ସାହୁ (୪୭)। ମୁରଲୀ ସବୁବେଳେ ମଦ୍ୟପାନ କରୁଥିଲେ। ସେ ଦୁଇ ତିନିଦିନ ହେଲା ଘରକୁ ଯାଇନଥିଲେ। ରାସ୍ତାରେ ଯିବା ଆସିବା କରୁଥିବା ଲୋକମାନେ ଦୁର୍ଗନ୍ଧ ହେବାରୁ ମୃତଦେହଟି ପଡ଼ିଥିବା ଦେଖିବାକୁ ପାଇଥିଲେ। କ.ନୂଆଗାଁ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିଲେ।

### ହତ୍ୟା ମାମଲା: ଶାଶୁ, ଦିଅରଙ୍କୁ କାରାଦଣ୍ଡ

ଆସିକା,୫।୧୦(ସୁରେନ୍ଦ୍ର ନାଥ ସାହୁ)

ଗାଙ୍ଗପୁର ଥାନା ପଳାସପଲ୍ଲୀ ଗ୍ରାମରେ ୨୦୧୨ ଏପ୍ରିଲ ୧ ତାରିଖରେ ଘଟିଥିବା ମନାସ ବିଷୋୟୀ ହତ୍ୟା ମାମଲାର ଗୁରୁବାର ପ୍ରକାଶ ପାଇଛି। ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ମନାସଙ୍କ ଶାଶୁ ଦମୟନ୍ତୀ ବିଷୋୟୀଙ୍କୁ ୭ବର୍ଷ ଓ ଦିଅର ନିକୁଞ୍ଜ ବିଷୋୟୀଙ୍କୁ ୨ବର୍ଷ କାରାଦଣ୍ଡ ସହ ୧ହଜାର ଟଙ୍କା ଜରିମାନା କରିଛନ୍ତି। ଅନ୍ୟ ୨ ଅଭିଯୁକ୍ତ ତଥା ମନାସଙ୍କ ଶ୍ୱଶୁର ପଞ୍ଚାନନ ବିଷୋୟୀ ଓ ଦିଅର ବାବୁଲା ବିଷୋୟୀଙ୍କ ମାମଲାର ବିଚାର ମଧ୍ୟରେ ଦେହାନ୍ତ ହୋଇଥିବା ଜଣାପଡିଛି। ସେହିପରି ଅଭିଯୁକ୍ତ ଘନଶ୍ୟାମ ବିଷୋୟୀ ଓ ଡ୍ରାଇଭର ବିଷୋୟୀଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ଜଜ୍ ଖଲାସ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ଟାଙ୍ଗରାପଲ୍ଲୀ ଗ୍ରାମର ମନାସଙ୍କ ପଳାସପଲ୍ଲୀର ବିନୋଦଙ୍କ ସହ ବିବାହ ହୋଇଥିଲା। ବିବାହର ୬ମାସ ପରେ ବିନୋଦଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ମନାସଙ୍କୁ ଶାଶୁ ଘରେ ରହିବା ପାଇଁ ଶାଶୁ ଶ୍ୱଶୁର ବାଧ୍ୟ କରିଥିଲେ। ବିବାହ ସମୟରେ ସମସ୍ତ ଯୌତୁକ ଦିଆଯାଇଥିଲେ ବି ଚଳିବା ପାଇଁ ବାପ ଘରୁ ଆଉ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ ଶାଶୁଘର ଲୋକେ ବାଧ୍ୟ କରିଥିଲେ। ୨୦୧୨ ଏପ୍ରିଲ ୧ ତାରିଖରେ ମନାସଙ୍କ ମୃତ୍ୟୁ ଖବର ପାଇ ତାଙ୍କ ବାପା ଓ ଭାଇ ଆସିଥିଲେ ମଧ୍ୟ ମୃତଦେହକୁ ପୋଡି ଦିଆଯାଇଥିଲା। ମନାସଙ୍କୁ ଶାଶୁ, ଶଶୁର ଓ ଦୁଇ ଦିଅର ଯୌତୁକ ଦାବିରେ ହତ୍ୟା କରିଥିବା ତାଙ୍କ ମନାସଙ୍କ ଭଉଣୀ ସଂଯୁକ୍ତା ନାୟକ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ ।

# ନାଚ, ଗୀତରେ ସରକାରୀ ଯୋଜନା ପ୍ରଚାର କରାଯିବ


ଅଧିକାରୀଙ୍କ ସହ ତାଲିମ ନେଇଥିବା କଳାକାରମାନେ ।

### କଳାକାରଙ୍କ ତାଲିମ ଶିବିର ଉଦ୍‌ଯାପିତ

ଗୁଡ଼ାରି,୫।୧୦(ପ୍ରମୋଦ କୁମାର ପତି)

ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକୁ ଗାଁ ଗାଁରେ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଚାଲିଥିବା କଳାକାରଙ୍କ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ବିଡିଓ ଅନିଶା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା କଳାକାରମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଉଭୟ ନୃତ୍ୟ ଓ ଗୀତ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଛି। ସରକାରଙ୍କ ମମତା ଯୋଜନାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ସମସ୍ତ ଯୋଜନା ସମ୍ପର୍କରେ ନୃତ୍ୟ, ଗୀତ ଓ ସଂକୀର୍ତ୍ତନ ମାଧ୍ୟମରେ ତାଲିମ ଦିଆଯାଇଥିବା ବିଏସ୍‌ଏସ୍‌ଓ ଦେବବ୍ରତ ସେଠୀ ସୂଚନା ଦେଇଛନ୍ତି। ଆସନ୍ତା ଦୁର୍ଗାପୂଜା ପରେ ଏହି କଳାକାରମାନେ ବ୍ଲକର ବିଭିନ୍ନ ଗାଁ ବୁଲି ବୁଲି ନୃତ୍ୟ ପରିବେଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଚାର କରିବେ। ଯେଉଁ କଳାକାରମାନେ ଏହି ତାଲିମ ନେଇଛନ୍ତି ସେମାନଙ୍କୁ ପାରିଶ୍ରମିକ ମିଳିବା ସହ କଳାକାର ପ୍ରମାଣପତ୍ର ମିଳିବ । ଫଳରେ ସେମାନେ କଳାକାର ଭତ୍ତା ପାଇପାରିବେ ବୋଲି ବିଏସ୍‌ଏସ୍‌ଓ ସେଠୀ କହିଛନ୍ତି। କାର୍ଯ୍ୟକ୍ରମରେ ଜୁନିୟର ଆସିଷ୍ଟାଣ୍ଟ ଥମାସ କୁମାର ତଣ୍ଡାସି, ବ୍ଲକ କଳାକାର ସଂଘ ଉପସଭାପତି ମାଝି କୁମ୍ଭାର, ବରିଷ୍ଠ କଳାକାର ରବୀନ୍ଦ୍ର ବେହେରାଙ୍କ ସମେତ ବ୍ଲକର ବହୁ କଳାକାର ଉପସ୍ଥିତ ଥିଲେ।

# ଗଛରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

କୋରୁକୋଣ୍ଡା,୫।୧୦(ଅବିନାଶ ବେହେରା)

ମାଲକାନଗିରି ଜିଲା ସଦର ମହକୁମାଠାରୁ ବାଲିମେଳା ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କୋରୁକୋଣ୍ଡା ବ୍ଲକ ସଦର ସାରଦାଗୁଡ଼ା ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ବାଲିମେଳା ୧୧ ନମ୍ବର ୱାର୍ଡର ଆର୍. ସତ୍ୟନାରାୟଣ ରାଓ (୨୦)। ପ୍ରକାଶ ଯେ, ସତ୍ୟନାରାୟଣ କୌଣସି କାମରେ ମାଲକାନଗିରି ଯାଇଥିଲେ। କାମସାରି ବାଇକ୍‌ରେ ଘରକୁ ଫେରୁଥିବା ବେଳେ ସାରଦାଗୁଡ଼ା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟିହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ୧୦୮ ଆମ୍ବୁଲାନ୍ସ ଓ କୋରୁକୋଣ୍ଡା ଥାନାକୁ ଜଣାଇଥିଲେ। ଥାନା କର୍ମଚାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ବାଇକ୍‌କୁ ଜବତ କରିଥିଲେ। ଏନେଇ କୋରୁକୋଣ୍ଡା ଥାନା ନଂ. ୩୦/୨୩ରେ ଏକ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ପ୍ରଶାନ୍ତ କୁମାର ସାବତ ସୂଚନା ଦେଇଛନ୍ତି।

# 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ

ଗୁଣପୁର,୫।୧୦ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ତରଫରୁ ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗଙ୍କ ନେତୃତ୍ୱରେ ବୁଧବାର ସନ୍ଧ୍ୟାରେ ଗୁମୁଡ଼ା ଛକଠାରେ ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥିନିମନ୍ତେ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅବିନାଶ ଗମାଙ୍ଗ, ଉପସଭାପତି ଏସ୍.ସି. ସେଲର ରୁନା ବାଉରୀ, ଅନୁସୂଚିତ ଜନଜାତିର ସଂଯୋଜକ ତରଣୀସେନ ଶତପଥୀ, ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ସମିତି ସଭ୍ୟା ସୁଷମା ଗୁରୁ , ଗୁଣପୁର ବ୍ଲକ କଂଗ୍ରେସ ସଭାପତି ଲିଭିଙ୍ଗଷ୍ଟନ ଲିମା, ଜିଲା ପରିଷଦ ସଦସ୍ୟ ଇଗାନ ଗମାଙ୍ଗ, ଏମ୍‌ପି ପ୍ରତିନିଧି ଜି. ପ୍ରସାଦ ରାଓ, ରାଜୀବ ଲୋଚନ ସାହୁ ଏବଂ ଦିବସ ରାଇକା, ରାମନାଗୁଡ଼ା ବ୍ଲକ ସଭାପତି ବାଞ୍ଛାନିଧି ବେହେରାଙ୍କ ସମେତ ବହୁ କଂଗ୍ରେସ ନେତା ଯୋଗଦେଇଥିଲେ। କଂଗ୍ରେସ ନେତା ଗୁମୁଡ଼ାଠାରେ ପଦଯାତ୍ରା କରି ଘର ଘର ବୁଲି ରାଜ୍ୟ ସରକାରଙ୍କ ବିଫଳତା ବିଷୟରେ ଲୋକଙ୍କୁ କହିଥିଲେ ।


ଗୁମୁଡ଼ାଠାରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କଂଗ୍ରେସ କର୍ମକର୍ତ୍ତା।

# ଜିଲାପାଳଙ୍କୁ ଭାଜପାର ଦାବିପତ୍ର

### ଅନ୍ୱେଷା ଛାତ୍ରାବାସର ଅବ୍ୟବସ୍ଥା

ରାୟଗଡ଼ା,୫।୧୦ (ଆଶିଷ ରଞ୍ଜନ ପଣ୍ଡା)

ଅନ୍ୱେଷା ହଷ୍ଟେଲର ଅବ୍ୟବସ୍ଥା ଓ ଟଙ୍କା ହଡ଼ପ ଘଟଣାକୁ ନେଇ ଭାଜପା କର୍ମକର୍ତ୍ତା ଗୁରୁବାର ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଭାଜପା ରାଷ୍ଟ୍ରୀୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ କାଳିରାମ ମାଝି, ଜିଲା ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, କୃଷକ ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଜିଲା ଉପସଭାନେତ୍ରୀ ଅଶ୍ୱିନୀ କଞ୍ଚଡ଼ା ଓ ମହିଳା ସଭାନେତ୍ରୀ ବି.ଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାରେ ଥିବା ସମସ୍ତ ଅନ୍ୱେଷା ଛାତ୍ରାବାସରେ ସ୍ୱତନ୍ତ୍ର ସହ ଅଧୀକ୍ଷକ ନିଯୁକ୍ତି, ନିୟମାନୁଯାୟୀ ଏବଂ ସମୟରେ ଖାଦ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇବା, ଛାତ୍ରଙ୍କୁ ଦୁର୍ବ୍ୟବହାର ଓ ନିର୍ଯାତନା ଦେଉଥିବା ସହ ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ଭାଜପା ନେତା ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଏଥିସହ ସେପ୍ଟେମ୍ବର ୨୩ରେ ୫ କି.ମି. ଚାଲି ଚାଲି ଆସି ଛାତ୍ରମାନେ ଅଭିଯୋଗ କରିବା ପରେ ମଧ୍ୟ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ଏବଂ ଜିଲା ମଙ୍ଗଳ ଅଧିକାରୀ ଶିକ୍ଷକଙ୍କ ହାତବାରିସି ସାଜି ସୁରକ୍ଷା ଦେଉଥିବା କାଳିରାମ ମାଝି ଅଭିଯୋଗ କରିଛନ୍ତି । ସମସ୍ୟାର ଶୀଘ୍ର ସମାଧାନ କରା ନ ଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବା ସହ ଗଣଧାରଣା ଦେବାକୁ ବାଧ୍ୟ ହେବ ବୋଲି ମାଝି ଚେତାବନୀ ଦେଇଛନ୍ତି।

ପ୍ରକାଶ ଥାଉକି, ରାୟଗଡ଼ା ସଦର ବ୍ଲକ କଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲର ଛାତ୍ରମାନେ ସେପ୍ଟେମ୍ବର ୨୩ ତାରିଖରେ ଚାଲି ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କୁ ଭେଟିଥିଲେ। ଛାତ୍ରାବାସରେ ସେମାନଙ୍କୁ ପଚାଶଡ଼ା ଖାଦ୍ୟ ଦିଆଯାଉଛି ଏବଂ ଖାଇବାକୁ ମାଗିଲେ ଅଧୀକ୍ଷକ ମାଡ଼ ମାରୁଥିବା ଅଭିଯୋଗ କରିଥିଲେ। ପିଲାଙ୍କ ଅଭିଯୋଗ ଶୁଣିବା ପରେ ଅତିରିକ୍ତ ଜିଲାପାଳ ପ୍ରଧାନଙ୍କ ନିର୍ଦ୍ଦେଶରେ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ ଘଟଣାସ୍ଥଳକୁ ଯାଇ ଘଟଣାର ଅନୁଧ୍ୟାନ କରିଥିଲେ ।


ଭାଜପା କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ଅକ୍ଟୋବର, ୨୦୨୩

**କ୍ଲବରୁ ଟିଭି ଚୋରି ଘଟଣା: ଅନ୍ୟ ଅଭିଯୁକ୍ତ ଗିରଫ**

ବାଲିମେଳା,(ଶିବଦତ୍ତ ସାହୁ)- ମାଲକାନଗିରି ଜିଲା ବାଲିମେଳା ୱାର୍ଡ ନମ୍ବର -୯ ଧନପୁରିଆ ସାହିରେ ଥିବା ଭଗତସିଂ କ୍ଲବରୁ କିଛିଦିନ ପୂର୍ବେ ଦୁର୍ବୃତ୍ତମାନେ ଗାଟିଏ ଏଲଇଡ଼ି ଟିଭି ଚୋରି କରି ନେଇ ଯାଇଥିଲେ। ଘଟଣାରେ ଫେରାର ଥିବା ଅନ୍ୟ ଜଣେ ଜଣେ ଅଭିଯୁକ୍ତ ଶିବ ଖିଲଙ୍କୁ ବାଲିମେଳା ଡ୍ରଗ୍ ଲାଇନ ଅଞ୍ଚଳରୁ ବୁଧବାର ରାତିରେ ପୋଲିସ ଗିରଫ କରିଛି। ପୂର୍ବରୁ ନରେନ୍ଦ୍ର ବେହେରାଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ନିକଟରୁ ଚୋରି ହୋଇଥିବା ଟିଭି ପୋଲିସ ଜବତ କରିଥିଲା।



## ସଂକ୍ଷେପରେ

### ୩ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୫।୧୦ (ପବନ ପାଣିଗ୍ରାହୀ)

୩ଜଣ ଫେରାର ଅଭିଯୁକ୍ତଙ୍କୁ ସଦର ଓ ଟାଉନ ଥାନା ପୋଲିସ ଗୁରୁବାର ଗିରଫକରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖ୍ରୀଷ୍ଟିଆନପେଟାର ଟି.ଗୁଞ୍ଜୁ ଓ ପାୱାର ହାଉସ କଲୋନିର ସୋମନାଥ ଜାନି ଓ ଶିବଗୁଡା ଗ୍ରାମର ଶମ୍ଭୁରୁ ରଣା। ଟାଉନ ଥାନା ଅଞ୍ଚଳର ଗୁଞ୍ଜୁଙ୍କ ନାମରେ ୨୦୧୩ରୁ ଟାଉନ ଥାନାରେ ଏକ ଅପରାଧିକ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ। ସେହିପରି ସୋମନାଥଙ୍କ ନାମରେ ଥାନାରେ ୨୦୧୫ରୁ ଏକ ଆପରାଧିକ ମାମଲା ରହିଥିଲା। ସେ ମଧ୍ୟ ମାମଲା ପରଠାରୁ ଫେରାର ଥିଲେ ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। ସେହିପରି ଜୟପୁର ସଦର ଥାନା ପୋଲିସ ଫେରାର ଅଭିଯୁକ୍ତ ଶମ୍ଭୁରୁଙ୍କୁ ଗିରଫ କରିଛି। ତାଙ୍କ ନାମରେ ସଦର ଥାନାରେ ୨୦୧୩ରୁ ଆପରାଧିକ ମାମଲା ରହିଥିଲା। ସେ ସେବେଠାରୁ ଫେରାର ଥିଲେ।

### ସାଇବର ଅପରାଧ ରୋକିବା ନେଇ ସଚେତନତା

ଦାମନଯୋଡ଼ି,୫।୧୦(ରାଧାକାନ୍ତ ବ୍ରହ୍ମା)

ଭେଜାପୁଟସ୍ଥିତ ନାଲ୍କୋ ଟାଉନଶିପ ମୁଖ୍ୟ ଫାଟକ ବାହାରେ ସାଇବର ଅପରାଧ ରୋକିବା ନେଇ ସଚେତନତା ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭିନ୍ନ ଭିନ୍ନ ଉପାୟ ଆପଣାଇ ସାଇବର ଠକମାନେ ସାଧାରଣ ଲୋକଙ୍କୁ ଠକୁଛନ୍ତି। ଏ ଦିଗରେ ସଚେତନତା ଅଭାବରୁ ଅଶିକ୍ଷିତ, ଶିକ୍ଷିତ ବର୍ଗର ଲୋକେ ସେମାନଙ୍କ ଜାଲରେ ଫସି ଲକ୍ଷାଧିକ ଟଙ୍କା ହରାଉଛନ୍ତି। ଏହି ସାଇବର ଠକାମି ଓ ଅପରାଧ ରୋକିବା ପାଇଁ କୋରାପୁଟ ଜିଲାରେ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇଥିବା ସାଇବର ସୁରକ୍ଷା ସଚେତନ ଅଭିଯାନ ରଥକୁ ମଙ୍ଗଳବାର ଦାମନଯୋଡ଼ିରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଦାମନଯୋଡ଼ି ଆଦର୍ଶ ଥାନା ପକ୍ଷରୁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। 'ସଚେତନ ରୁହନ୍ତୁ-ସୁରକ୍ଷିତ ରୁହନ୍ତୁ' ବାର୍ତ୍ତା ବହନକରି କରାଯାଇଥିବା କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ଶ୍ରେଣୀର ଲୋକେ ଏକତ୍ରିତ ହୋଇଥିଲେ। ଓଡ଼ିଶା ପୋଲିସ ଓ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରା,ଦାମନଯୋଡ଼ି ଥାନା ଅଧିକାରୀ ପ୍ରମୋଦ ନାୟକ, ଇନ୍ସପେକ୍ଟର ସତ୍ୟଭାମା ବେହେରା, ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ହେମନ୍ତ ଦାଶ, ନାଲ୍କୋ ଜିଏମ୍ ବିନୟ ଠାକୁର, ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁନା, ମରିଚମାଳ ସରପଞ୍ଚ ଲକ୍ଷ୍ମୀ ମସ୍ତିପୁଟିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଲାଲବାହାଦୁର ଶାସ୍ତ୍ରୀ କ୍ଲବ, ବ୍ୟାଙ୍କ ଛକ ପୂଜା କମିଟିର ଗଣେଶ ଭସାଣି

ଚିତ୍ରକୋଣ୍ଡା, ୫।୧୦(କ୍ଷୀରୋଦ ବେହେରା)

ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ସ୍ଥାନୀୟ ଚିତ୍ରକୋଣ୍ଡା ବ୍ୟାଙ୍କ ଲାଇନ୍ ସ୍ଥିତ ଲାଲବାହାଦୂର ଶାସ୍ତ୍ରୀ କ୍ଲବ ଆନୁକୂଲ୍ୟରେ ବୁଧବାର ପୂଜା କମିଟି ତରଫରୁ ଗଜାନନଙ୍କୁ ବିସର୍ଜନ କରାଯାଇଥିଲା। ମେଢ଼ ସହିତ ଲାଇଟ, ବାଦ୍ୟଯନ୍ତ୍ର ଓ ଆତସବାଜୀରେ ନାଚ ଗୀତ ତାଳେ ତାଳେ ଚିତ୍ରକୋଣ୍ଡାର ସମସ୍ତ କଲୋନୀ ତଥା ସହର ମେଢ଼ ପରିଭ୍ରମଣ କରି ବିସର୍ଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କ ଲାଇନ୍, ଗୌଡ଼ସାହି, ସାଇମନ୍ଦିର ପଛ ଲାଇନ୍ ଓ ଟିଡ଼ିଆର କଲୋନୀର ସମସ୍ତ ଜନସାଧାରଣ ଏକତ୍ରିତ ହୋଇ ମେଢ଼ ବୁଲିବାରେ ସହଯୋଗ କରିଥିଲେ। ପୂଜା କମିଟିର ନାରାୟଣ ଦାସ, ଗଣେଶ ଖରା, ପୂର୍ଣ୍ଣ ଖରା, ଡମ୍ବରୁ ହରିଜନ, ବୁଲୁ ନାଗ, ଅଜୁ ଜାନି, ରମେଶ ମାଣ୍ଡି, ଗଣେଶ ମାଣ୍ଡି, ସୁଶାନ୍ତ ତନ୍ତୀ ଓ ବାପି ଖାଣ୍ଡଗିରି ପରିଚାଳନା କରିଥିଲେ।

# ଜୋର ଧରିଛି ପୋଷ୍ଟର ରାଜନୀତି

- ପଚ୍ଚାଙ୍ଗି ନିର୍ବାଚନ ମଣ୍ଡଳୀ
- ଆଶାୟୀ ପ୍ରାର୍ଥୀଙ୍କ ନିଜ ସପକ୍ଷରେ ଅଙ୍କକଷା

ପଟ୍ଟାଙ୍ଗି,୫।୧୦(ଶରତ ଧଳ)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ସେତିକି ତତ୍ପରତା ପ୍ରକାଶ ପାଉଛି। ଦଳମାନେ ବିଭିନ୍ନ ସ୍ଥାନରେ ସଭାସମିତି, ଶୋଭାଯାତ୍ରା କରି ନିଜ ପତିଆରା ପ୍ରଦର୍ଶନ କରୁଛନ୍ତି। ତେବେ ଜାତୀୟ ଦଳର କୌଣସି ନେତୃତ୍ୱଙ୍କ ଗସ୍ତ ବେଳେ ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି। ସେମାନେ ବିଭିନ୍ନ ସ୍ଥାନରେ ନିଜ ପୋଷ୍ଟର, ବ୍ୟାନର ମାରି ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏ କ୍ଷେତ୍ରରେ କୋରାପୁଟ ଜିଲା ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ମଧ୍ୟ ପଛରେ ପଡିନାହିଁ।

ମାଲକାନଗିରି ଜିଲାରେ ହେଉଥିବା କଂଗ୍ରେସର ଜାତୀୟସ୍ତରର ସମାବେଶରେ ଯୋଗଦେବାକୁ କଂଗ୍ରେସର ବିଭିନ୍ନ ରାଜ୍ୟର ନେତା, ମନ୍ତ୍ରୀମାନେ ଆସୁଥିବା ବେଳେ ଓଡ଼ିଶା ଦାୟିତ୍ୱରେ ଥିବା ଦଳର ପ୍ରଭାରୀ ଡ.ଏ. ଚେଲ୍ଲାକୁମାର ଏବଂ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ତେବେ ଏହିସମୟରେ ଏହି ଜାତୀୟ ସ୍ତରର ନେତାଙ୍କ ଗସ୍ତ ପୂର୍ବରୁ ଦଳର ନିର୍ବାଚନ ଆଶାୟୀ ପ୍ରାର୍ଥୀମାନେ ନିଜ ଫଟୋ ସହ ଦଳର ନେତୃତ୍ୱଙ୍କ ଫଟୋ ଓ ପୋଷ୍ଟର ଛାପି ଅଞ୍ଚଳରେ ନିଜ ସ୍ଥିତି ଜାହିର କରିବାକୁ ଉଦ୍ୟମ କରିଛନ୍ତି। ଏ ନେଇ ପଟ୍ଟାଙ୍ଗି ଅଞ୍ଚଳରେ ରାଜନୀତି ଜୋର ଧରିଛି। ସମାବେଶରେ ଯୋଗ ଦେବାକୁ ଓଡ଼ିଶା ପ୍ରଭାରୀ ଚେଲ୍ଲାକୁମାର କୋରାପୁଟ ଜିଲାର ସୁଙ୍କି, ପଟ୍ଟାଙ୍ଗି, ସେମିଳିଗୁଡା ପ୍ରମୁଖ ସ୍ଥାନ ଦେଇ ମାଲକାନଗିରି ଯିବା କାର୍ଯ୍ୟକ୍ରମ ଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଦଳର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ୍ ନିଜ ଫୋଟ ସହ ଦଳର ମଲ୍ଲିକା ଅର୍ଜ୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଓଡିଶା ପ୍ରଭାରୀ, ରାଜ୍ୟ ସଭାପତି, ବଲାଙ୍ଗୀର ବିଧାୟକ, ଜିଲା ସଭାପତି,ଏମ୍‌ପି ସପ୍ତଗିରି ଉଲାକାଙ୍କ ସମେତ ପଟ୍ଟାଙ୍ଗି ବିଧାନସଭା ଅଧୀନରେ ଥିବା ତିନି ବ୍ଲକର ସଭାପତି ଓ ଦଳର ଅନ୍ୟ ପଦାଧିକାରୀଙ୍କ ଫୋଟ ରଖି ବ୍ଲକର ବିଭିନ୍ନ ସ୍ଥାନରେ ପୋଷ୍ଟର ମାରିଛନ୍ତି। ତେବେ ଏହି ପୋଷ୍ଟରରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ମିନାକ୍ଷୀ ବାହିନୀପତିଙ୍କ ଫୋଟ ନ ଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ଦଳର ଅନ୍ୟତମ ଆଶାୟୀ ଗୋବିନ୍ଦ ଖରା ନିଜ ଫଟୋ ସହ ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଫୋଟ ସମ୍ବଳିତ ପୋଷ୍ଟର ମାରିଛନ୍ତି। ସେହିପରି ଦଳର ଅନ୍ୟ ଜଣେ ଆଶାୟୀ ପ୍ରାର୍ଥୀ ଶାମ୍ଭ ପାଙ୍ଗି ନିଜ ଫଟୋ ସହ ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ବଲାଙ୍ଗୀର, ଖୋର୍ଦ୍ଧା, ଝାରସୁଗୁଡ଼ା, ବ୍ରହ୍ମପୁର, ଜୟପୁର ପ୍ରମୁଖ ନିର୍ବାଚନ ମଣ୍ଡଳୀର ବିଧାୟକ, ମିନାକ୍ଷୀ ବାହିନୀପତି, ଯୁବ କଂଗ୍ରେସ ସଭାପତି, ଛାତ୍ର କଂଗ୍ରେସ ସଭାପତି, ପଟ୍ଟାଙ୍ଗି ଓ ସେମିଳିଗୁଡା ଦୁଇ ବ୍ଲକର ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ଫଟୋ ଛାପି ପୋଷ୍ଟର ମାରିଛନ୍ତି। ସେ କୋରାପୁଟ ଜିଲା ସଭାପତିଙ୍କ ଫଟୋକୁ ବାଦ ଦେଇଥିବା ଦେଖିବାକୁ ମିଳିଛି। ଅଞ୍ଚଳରେ ଏପରି ପୋଷ୍ଟର ମରା ରାଜନୀତି ସହ ପ୍ରତିଯୋଗିତାକୁ ନେଇ ଦଳର କର୍ମୀମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଆମେ କାହାକୁ ସମର୍ଥନ କରିବୁ ବୋଲି ପ୍ରଶ୍ନ ଉଠାଉଛନ୍ତି। ଅନ୍ୟପକ୍ଷରେ ଏପରି ପୋଷ୍ଟରମରା ପ୍ରତିଯୋଗିତା ଦଳ ପାଇଁ ଠିକ୍ ନୁହେଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

# ଜୟପୁରରେ କଂଗ୍ରେସର ବିଶାଳ ବାଇକ୍ ରାଲି


ବୈପାରିଗୁଡାରେ ଚେଲାକୁମାରଙ୍କୁ ସ୍ୱାଗତ କରାଯାଉଛି।

- କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାରଙ୍କ ଗସ୍ତ
- ବୈପାରିଗୁଡାରେ ସ୍ୱାଗତ କଲେ ନେତା, କର୍ମୀ

ଜୟପୁର/ବୈପାରିଗୁଡା,୫।୧୦ (ପବନ ପାଣିଗ୍ରାହୀ/କଳ୍ପତରୁ ମହାନ୍ତି)

ଅବିଭକ୍ତ କୋରାପୁଟ ଜିଲା ଗସ୍ତରେ ରାଜ୍ୟ କଂଗ୍ରେସ ଟିମ୍ ପ୍ରଭାରୀ ଚେଲ୍ଲା କୁମାରଙ୍କ ୨ଦିନିଆ କୋରାପୁଟ ଗସ୍ତ ଅବସରରେ ଗୁରୁବାର ଜୟପୁରରେ ରାଜ୍ୟ କଂଗ୍ରେସ ଶକ୍ତି ପ୍ରଦର୍ଶନ କରିଛି। ମାଲକାନଗିରି ଜନସମାବେଶରେ ସାମିଲହେବା ପୂର୍ବରୁ କଂଗ୍ରେସର ଏକ ଟିମ୍ ଜୟପୁରରେ ନିଜ ଶକ୍ତି ପ୍ରଦର୍ଶନ କରିଛି। ଏହି ଅବସରରେ ପାରବେଢ଼ା ଟ୍ରାଫିକ ଛକଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର, ବିଜୟ ପଟ୍ଟନାୟକ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସହ ଅନେକ ନେତା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜୟପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଜନସାଧାରଣ ଆଉ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ପାଉନାହାନ୍ତି। ଦେଶରେ ଓଡ଼ିଶା ଦରିଦ୍ରରେ ୧ ନମ୍ବର ହେଲାଣି। ବିଜେଡିଯାହା କହିଥିଲା ତାହା ପାଳନ କରିନାହିଁ। ୨ଲକ୍ଷଙ୍କୁ ରୋଜଗାର ଦେବା ସହ ୩୧୪ ବ୍ଲକରେ ପାଣି ଯୋଗାଇବେ,୧୨ହଜାର ବିଦ୍ୟାଳୟ ନିର୍ମାଣ କରିବାକୁ କହି ବିଜେଡି କରିପାରିନାହିଁ ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଜିଲା ସଭାପତି ଦୁର୍ଗାଶଙ୍କର ସାହୁ, ବିନୋଦ ମହାପାତ୍ର, ନିହାର ବିଶୋୟୀଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ ନେତା, କର୍ମୀ ଉପସ୍ଥିତ ଥିଲେ।

ବୈପାରିଗୁଡାରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଦଳର ଓଡିଶା ପ୍ରଭାରୀ ଦାୟିତ୍ୱରେ ଥିବା ଚେଲାକୁମାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଦଳ ପକ୍ଷରୁ ସ୍ଥାନୀୟ ବୀରଖମ୍ବ ବ୍ରିଜ୍ ନିକଟରୁ ତାଙ୍କୁ ପାଛୋଟି ନିଆଯାଇଥିଲା। ତାଙ୍କର ଏହି ଗସ୍ତ ବେଳେ ତାଙ୍କ ସହ ରାଜ୍ୟ ପ୍ରଦେଶ କମିଟି ସଭାପତି ଶରତ ପଟ୍ଟନାୟକ, ଜିଲା ସଭାପତି ଦୁର୍ଗା ଶଙ୍କର ସାହୁ ଥିଲେ। ବ୍ଲକ କଂଗ୍ରେସ ସଭାପତି ଗୌରଚନ୍ଦ୍ର ପାତ୍ର, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ବରିଷ୍ଠ କର୍ମୀ ସତ୍ୟ ନାରାୟଣ ମହାନ୍ତି, ଜଗା ବିଶୋୟୀ, ମୋହନ ଶ୍ରୀକର୍ଲିଆ ,ବାଲାଜୀ ରାଓ, ଧନେଶ୍ୱର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଶୁଭାରମ୍ଭ ହେଲା ଜାପାନୀ ଭାଷା ସାର୍ଟିଫିକେଟ ପାଠ୍ୟକ୍ରମ

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

କୋରାପୁଟ,୫।୧୦(ଅମିତାଭ ବେହେରା)

ଚଳିତ ଶିକ୍ଷାବର୍ଷ ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାପାନୀ ଭାଷା ସାର୍ଟିଫିକେଟ ପାଠ୍ୟକ୍ରମ ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ପାଠ୍ୟକ୍ରମର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ଜାପାନୀ ଭାଷା ସାର୍ଟିଫିକେଟ ପାଠ୍ୟକ୍ରମ ପାଇଁ ପ୍ରାରମ୍ଭିକ ପ୍ରବେଶ କ୍ଷମତା ୬୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ସ୍ଥିର ହୋଇଛି। ଅକ୍ଟୋବର ୯ରେ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ନାମଲେଖା ହେବ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଜାପାନୀ ଫାଉଣ୍ଡେଶନର ନିର୍ଦ୍ଦେଶକ ସାଟୋ କୋଜି, ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତଙ୍କ ପ୍ରତିନିଧି ସୁଶ୍ରୀ ହାକାମାତା ମାହୋ ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବ ଏସୀୟ ଅଧ୍ୟୟନ ବିଭାଗ ପ୍ରଫେସର ନବୀନ ପଣ୍ଡାଙ୍କ ସମେତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ବରିଷ୍ଠ ଅଧିକାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପ୍ରଫେସର ତ୍ରିପାଠୀ ଜାପାନର କୃଷି, ପ୍ରାଣୀପାଳନ,ଦୁଗ୍ଧ ବିଜ୍ଞାନ ଏବଂ ଜଙ୍ଗଲ ପରିଚାଳନା କ୍ଷେତ୍ରରେ କରିଥିବା ବୈଷୟିକ ଉନ୍ନତି ଉପରେ ଗୁରୁତ୍ୱାରୋପ କରି ପାଠ୍ୟକ୍ରମ ମାଧ୍ୟମରେ ସ୍ନାତକ ଛାତ୍ରମାନେ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଏହି ଉନ୍ନତ ଜ୍ଞାନକୌଶଳ ଭାରତକୁ ଆଣିବେ ବୋଲି ଆଶା ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ନିର୍ଦ୍ଦେଶକ ସାତୋ କୋଜି ସାମ୍ପ୍ରତିକ ପରିସ୍ଥିତିରେ ଜାପାନୀ ଭାଷା ଶିଖିଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ସୁଶ୍ରୀ ହାକାମାତା ମାହୋ ଖାଦ୍ୟ, ପରମ୍ପରା ଓ ଧର୍ମ ଦୃଷ୍ଟିରୁ ଜାପାନ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ସମାନତା ଉପରେ ମତ ରଖିଥିଲେ। ଜାପାନୀ ଭାଷା ଶିଖିବା ଦ୍ୱାରା ଦୁଇ ଦେଶ ମଧ୍ୟରେ ଲୋକମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବ। ଏହା ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ପର୍ଯ୍ୟଟନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବ ବୋଲି ସେ କହିଥିଲେ। ପ୍ରଫେସର ନବୀନ ପଣ୍ଡା ଜାପାନୀ ଭାଷାରେ ଦକ୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଭାରତର କର୍ପୋରେଟ କ୍ଷେତ୍ର ବିଶେଷକରି ଜାପାନରେ ଉପଲବ୍ଧ ଅନେକ ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ନିର୍ଝରିଣୀ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରେଜିଷ୍ଟ୍ରାର ପ୍ରଫେସର ଏନ୍.ସି.ପଣ୍ଡା ଧନ୍ୟବାଦ ଦେଇଥିଲେ।


ନୂତନ ପାଠ୍ୟକ୍ରମ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

### ୧୦ ମାସ ଗଲାନି ୧୦ ଲକ୍ଷର ପ୍ରକଳ୍ପ

ସେମିଳିଗୁଡ଼ା/ସୁନାବେଢ଼ା ୫।୧୦ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ା ବ୍ଲକ ଅଧୀନ ଦୁଧାରୀ ପଞ୍ଚାୟତ ଦୁଧାରୀ ଗ୍ରାମ ନିକଟରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ସାପ୍ତାହିକ ଜନଜାତି ହାଟ ନିର୍ମାଣ କରାଯାଇଥିଲା। ଏହି ପଞ୍ଚାୟତ ସହ ଆଖପାଖ ଅଞ୍ଚଳର ଉତ୍ପାଦିତ ସାମଗ୍ରୀ ଏହି ହାଟରେ ବିକ୍ରି କରିବା ଉଦ୍ଦେଶ୍ୟରେ ଏହା ନିର୍ମାଣ ହୋଇଥିଲା। ମାତ୍ର ଏବେ ଉଦ୍‌ଘାଟନର ୪ମାସ ପରେ ହାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ହାଟକୁ ସଂଯୋଗ କରୁଥିବା ରାସ୍ତା ଓ ହାଟ ଭିତରେ ପ୍ରଶାସନ ପେଭର ବ୍ଲକ୍ ପକାଇଥିଲା। ହେଲେ ସେଗୁଡିକ ଦବିଯାଇ ବଡ଼ ବଡ଼ ଗାତ ମାନ ସୃଷ୍ଟି ହୋଇଛି। ହାଟ ଭିତରକୁ ଲୋକଙ୍କ ଯିବା ଅସମ୍ଭବ ହୋଇପଡିଛି। ନିମ୍ନମାନର କାମ ଯୋଗୁ ଏପରି ହୋଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଏତେ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ କାମରେ ଆସୁନାହିଁ। ଏ ସମ୍ପର୍କରେ ସେମିଳିଗୁଡ଼ା ବ୍ଲକ ଅଧୀକ୍ଷଣ ଯନ୍ତ୍ରୀ ସୃଷ୍ଟି ସିଂହାସିନୀ ମଲ୍ଲିକଙ୍କୁ ପଚାରିବାରୁ ନୂଆ ମାଟି ପଡିଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। କାମ କରିଥିବା ଠିକାଦାରଙ୍କୁ କାମ ବାବଦରେ କୌଣସି ପେମେଣ୍ଟ ହୋଇନହିଁ। ଆସନ୍ତା ମାସ ବେଳକୁ ସବୁ ଠିକ୍ ହୋଇଯିବ ବୋଲି ସେ କହିଥିଲେ।

# ଜମି ଜବରଦଖଲ ଉଦ୍ୟମ ପଣ୍ଡକଲା ପୌର ପ୍ରଶାସନ

ଜୟପୁର, ୫।୧୦(ପବନ ପାଣିଗ୍ରାହୀ )

ଜିଲା ଜମି ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଓ ପରିଚୟ ଗୃହ ନିର୍ମାଣ ଲାଗି ଅଲ୍ ଇଣ୍ଡିଆ ରେଡିଓ କେନ୍ଦ୍ର କଲୋନି ନିକଟରେ ଚିହ୍ନଟ ହୋଇଥିବା ୩ ଏକର ଜମି ଜବରଦଖଲ ହୋଇଛି। ତେବେ ଏ ସମ୍ପର୍କରେ ଜାଣିବା ପରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ରାଜସ୍ୱ ନିରୀକ୍ଷକ ସୁରଜ ପଣ୍ଡା, ପୌର ନିର୍ବାହୀ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପତ୍ର, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଜିଲା ଜମି ଉପନିବନ୍ଧକ (ଡିଏସ୍ଆର୍) ନୀଳାମ୍ବର ପୂଜାରୀ ଜବରଦଖଲ ସ୍ଥଳକୁ ଯାଇ ଜବରଦଖଲକାରୀଙ୍କ ଜବରଦଖଲ ଉଦ୍ୟମକୁ ପଣ୍ଡ କରିଛନ୍ତି। ଏହି ସମୟରେ ଉକ୍ତ ଜମିର ମାପଚୁପ ହୋଇଛି। ସୂଚନାଯୋଗ୍ୟ, ସେହି ସ୍ଥାନରେ ଡିଏସ୍ଆର୍ କାର୍ଯ୍ୟାଳୟ ପାଇଁ ତହସିଲ ପକ୍ଷରୁ ଜମି ଯୋଗାଇ ଦିଆଯାଇଛି। କ୍ୱାର୍ଟର୍ସ ନିର୍ମାଣ ପାଇଁ ୨କୋଟିର ବ୍ୟୟବରାଦ ପୂର୍ତ୍ତ ବିଭାଗ କରିଥିଲା। ଏଥିସହ ଏକ ନଳକୂପ ମଧ୍ୟ ଖନନ ହୋଇଥିଲା। ଅନୁଦାନ ନ ଆସିବା ଯୋଗୁ ଏହି ସ୍ଥାନ ସେପରି ଖାଲି ପଡ଼ି ରହିଥିଲା। ଖାଲିସ୍ଥାନ ଦେଖି କେତେକେ ଏହାକୁ ଜବରଦଖଲ କରିବାକୁ ଉଦ୍ୟମ କରି ଆସୁଥିଲେ। ଆଗାମୀ ଦିନରେ ହାନାଗୁଡାର ୬ ଏକର ସରକାରୀ ଜମିରେ ହୋଇଥିବା ଜବରଦଖଲ ଉଚ୍ଛେଦ କରିବା ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ସାଇବର ସୁରକ୍ଷା ସଚେତନତା

କାଳିମେଳା, ୫।୧୦(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପଡ଼ିଆ ବ୍ଲକରୁ ଏହି ସଚେତନତା ରଥ ବାହାରି କାଳିମେଳାରେ ପହଞ୍ଚିବା ପରେ ପୋଲିସ, ବ୍ଲକ ପ୍ରଶାସନ କଲେଜ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଏହି ରଥକୁ ସ୍ୱାଗତ କରାଯାଇ ବଜାର ପରିକ୍ରମା କରାଯାଇଥିଲା। ଏହି ରଥ କାଳିମେଳା ମହାବିଦ୍ୟାଳୟ ସମେତ ବିଭିନ୍ନ ଗ୍ରାମାଞ୍ଚଳ ବୁଲି ସାଇବର ଅନ୍‌ଲାଇନ ଠକେଇରୁ କିଭଳି ରକ୍ଷା ପାଇବା ସେ ନେଇ ସଚେତନ କରିଥିଲା। ସନ୍ଧ୍ୟାରେ ସାଇବର ସୁରକ୍ଷା ଅଭିଯାନ ଉପରେ ଏକ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବସ୍‌ଷ୍ଟାଣ୍ଡରେ ହୋଇଥିଲା। ଥାନା ଅଧିକାରୀ ସତ୍ୟ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କାଳିମେଳା ତହସିଲଦାର ଚାଇନୁ ଗଣ୍ଡ, ମୁଖ୍ୟବକ୍ତା ମାଲକାନଗିରି ମୁଖ୍ୟାଳୟ ଡିଏସ୍‌ପି ସତ୍ୟବିକାଶ ସ୍ୱାଇଁ, ଅନ୍ୟତମ ବକ୍ତା ମାଲକାନଗିରି ଏସ୍‌ଡିପିଓ ସଚିନ ପଟେଲ, ସମ୍ମାନିତ ଅତିଥି ଅତିରିକ୍ତ ତହସିଲଦାର ନିରୋଜ ଭତ୍ରା, ଗୋପବନ୍ଧୁ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସୁଦାମ ଚରଣ ମହାଳିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାଇବର କ୍ରାଇମ ଅପରାଧ ସମ୍ପର୍କରେ ଆଲୋଚନା କରିଥିଲେ । ଖବରଦାତା ଜୀବନକୃଷ୍ଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ କଲେଜ ଛାତ୍ରୀଛାତ୍ର ଏବଂ କେତେଜଣ କଳାକାରଙ୍କୁ ନେଇ ସଙ୍ଗୀତ ନୃତ୍ୟ ଅଭିନୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଥାନା ଅଧିକାରୀ ନନ୍ଦ ଗୀତ ଗାଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । କୁଇଜ ପ୍ରତିଯୋଗିତାରେ ଭାଗ ନେଇ ବିଜେତା ହୋଇଥିବା ଏବଂ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।


ରଥ ନିକଟରେ ପୁରସ୍କୃତ ଛାତ୍ରୀଛାତ୍ର ଓ ଅତିଥି ।

### ସଚେତନ ହେଲେ ଅପରାଧ ରୋକିହେବ

ଏମ୍‌ଭି ୭୯, ୫।୧୦(ଭିକି ବାରିକ)

ସଚେତନତା ଓ ସତର୍କତା ଦ୍ୱାରା ହିଁ ସାଇବର ଅପରାଧକୁ ରୋକିହେବ । ଏହା ପ୍ରତିଟି ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସାଇବର ସୁରକ୍ଷା ରଥ ନିଜର ଅଭିଯାନ ଜାରି ରଖିଛି। ଗୁରୁବାର ମାଲକାନଗିରି ଜିଲା କାଳିମେଳା ବ୍ଲକ ଏମ୍‌ଭି ୭୯ରେ ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରାଯାଇଛି। ଗାଁଠାରୁ ଆରମ୍ଭକରି ସହର, ବଜାର, ହାଟ, କଲେଜ ତଥା ଶିକ୍ଷାନୁଷ୍ଠାନଗୁଡ଼ିକରେ ସାଇବର ଠକେଇ ସମ୍ପର୍କରେ ଥାନା ଅଧିକାରୀଙ୍କ ସହ ସମସ୍ତ କର୍ମଚାରୀ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ବିଭିନ୍ନ କଲେଜ ତଥା ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର କୁଇଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିଛନ୍ତି। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମାର୍କେଟରେ ଜନସଚେତନତା ମୂଳକ ନାଟକ ଓ ଲୋକନୃତ୍ୟ ପରିବେଷଣ ସହ କୁନିକୁନି ପିଲାଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ 'ସାଇରା' ସହ ସେଲ୍‌ଫି ଉଠାଇଥିଲେ।

# ଅବକାରୀ ବିଭାଗ ଦ୍ୱାରା ଗଞ୍ଜେଇ ଜବତ, ୨ ଗିରଫ

ମାଲକାନଗିରି, ୫।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଅବକାରୀ ବିଭାଗ ତରଫରୁ ଗୁରୁବାର ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ମାଲକାନଗିରିଜିଲା ଅବକାରୀ ବିଭାଗ ଦ୍ୱାରା କାଳିମେଳା ଥାନା ଅନ୍ତର୍ଗତ ଭେଜାଙ୍ଗିବାଡ଼ା ପଞ୍ଚାୟତ ବେହେରାଗୁଡ଼ାରେ ଅବକାରୀ କର୍ମଚାରୀ ପାଟ୍ରୋଲିଂ କରୁଥିବା ସମୟରେ ୨ ଜଣ ବ୍ୟକ୍ତି ନିକଟସ୍ଥ ଜଙ୍ଗଲରେ କିଛି ବସ୍ତା ଧରି ଛିଡା ହୋଇଥିଲେ। ଅବକାରୀ କର୍ମଚାରୀମାନେ ସନ୍ଦେହକରି ସେଠାକୁ ଯାଇ ବସ୍ତା ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଉକ୍ତ ୨ ଜଣଙ୍କୁ ଗିରଫ କରିବା ସହ ଗଞ୍ଜେଇ ବସ୍ତାଗୁଡ଼ିକୁ ଜବତ କରିଥିଲେ । ଉକ୍ତ ବସ୍ତାରେ ମୋଟ ୨୦୦ କେଜି ଗଞ୍ଜେଇ ଥିବା ବେଳେ ଅଭିଯୁକ୍ତ ୨ ଜଣ ବେହେରାଗୁଡା ଗ୍ରାମର ଭଦ୍ର ଲଳିତ ଓ ଚୈତନ ଗୌଡ଼ । ଏହି ୨ ଜଣଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ଏହାର ଅନୁମାନିକ ମୂଲ୍ୟ ୨୦ ଲକ୍ଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ଉଦୟଲାଲ ନାୟକ, ପ୍ରଭାକର ସେଠୀ, ଆଶିଷ ନାୟକ, ପ୍ରଦୀପ ନାୟକ ଓ ରାଜୁ କୁମାର ଖିଁତି ପ୍ରମୁଖ ଉପସ୍ଥିତ ଥିଲେ ।


ଜବତ ଗଞ୍ଜେଇ , ଗିରଫ ଅଭିଯୁକ୍ତ ।

# ଗଛରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

କୋରୁକୋଣ୍ଡା,୫।୧୦(ଅବିନାଶ ବେହେରା)

ମାଲକାନଗିରି ଜିଲା ସଦର ମହକୁମାଠାରୁ ବାଲିମେଳା ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କୋରୁକୋଣ୍ଡା ବ୍ଲକ ସଦର ସାରଦାଗୁଡ଼ା ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ବାଲିମେଳା ୧୧ ନମ୍ବର ୱାର୍ଡର ଆର୍. ସତ୍ୟନାରାୟଣ ରାଓ (୨୦)। ପ୍ରକାଶ ଯେ, ସତ୍ୟନାରାୟଣ କୌଣସି କାମରେ ମାଲକାନଗିରି ଯାଇଥିଲେ। କାମସାରି ବାଇକ୍‌ରେ ଘରକୁ ଫେରୁଥିବା ବେଳେ ସାରଦାଗୁଡ଼ା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟିହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ୧୦୮ ଆମ୍ବୁଲାନ୍ସ ଓ କୋରୁକୋଣ୍ଡା ଥାନାକୁ ଜଣାଇଥିଲେ। ଥାନା କର୍ମଚାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ବାଇକ୍‌କୁ ଜବତ କରିଥିଲେ। ଏନେଇ କୋରୁକୋଣ୍ଡା ଥାନା ନଂ. ୩୦/୨୩ରେ ଏକ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ପ୍ରଶାନ୍ତ କୁମାର ସାବତ ସୂଚନା ଦେଇଛନ୍ତି।

# ସ୍ୱାଭିମାନ ଅଞ୍ଚଳରେ କବିତା କର୍ମଶାଳା

କୁଡୁମୁଲୁଗୁମା/ଚିତ୍ରକୋଣ୍ଡା,୫।୧୦ (ସୁଜିତ ପଟ୍ଟନାୟକ)/କ୍ଷୀରୋଦ ବେହେରା)

ବ୍ୟାସକବି ସାହିତ୍ୟ ସଂସଦ, ନୀଳଗିରି, ବାଲେଶ୍ୱର ପକ୍ଷରୁ ଗତ ମଙ୍ଗଳବାର ଆନ୍ଧ୍ର- ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ମଣ୍ଡଳ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ଅଣ୍ଡିରାପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଅଣ୍ଡିରାପାଲି ପଞ୍ଚାୟତର ସମସ୍ତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ କବିତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରେ ପ୍ରବନ୍ଧ ଲିଖନ, ଶ୍ରୁତିଲିଖନ, ସଙ୍ଗୀତ, ଅଭିନୟ, ବିତର୍କ, ହସ୍ତାକ୍ଷର ଓ ଚିତ୍ରକଳା ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ଅନୁଷ୍ଠାନ ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆୟୋଜିତ ସଭାରେ ବ୍ୟାସକବି ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ କବି ଯତୀନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଞ୍ଜନ ଚୌଧୁରୀ, ମୁଖ୍ୟ ବକ୍ତା ଗୋରାସେତୁ ଅଶୋକ କୁମାର ଚୌଧୁରୀ, ସଞ୍ଜୟ କୁମାର ପୋଡ଼ାସେଠୀ, କବି ପ୍ରଦୀପ ସରକାର, ଅର୍ଜ୍ଜୁନ ମାଝି, ସିଆର୍‌ସିସି ସୁଶାନ୍ତ କୁମାର ପାତ୍ର, ପୀତବାସ ଖିଲ ପ୍ରମୁଖ ସ୍ୱାଭିମାନ ଅଞ୍ଚଳରେ ଏପରି ପ୍ରୟାସକୁ ପ୍ରଶଂସା କରିବା ସହ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଚିତ୍ରକୋଣ୍ଡା ମଣ୍ଡଳ ଶିକ୍ଷା ବିଭାଗ ଦ୍ୱାରା ଅଣ୍ଡିରାପାଲି ପଞ୍ଚାୟତରେ ସୁରଭି ଓ ମିଲେଟ ମିଶନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।


କର୍ମଶାଳାରେ ଯୋଗ ଦେଇଥିବା ଅତିଥି ।

# ବାଲିଘାଟ ପାଇଁ ରାସ୍ତା ପାଲଟିଛି ମରଣଯନ୍ତା

ମାଥିଲି,୫।୧୦(ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ତହସିଲ ଚାଉଳମେଦି ନଦୀରେ ମାଥିଲି ତହସିଲ ପକ୍ଷରୁ ଏକ ବାଲିଘାଟ ଜଣେ ବ୍ୟକ୍ତିଙ୍କୁ ନିଲାମ ଦିଆଯାଇଛି। ଯେଉଁ ଘାଟ ନିଲାମ ଦିଆଯାଇଛି ସେଠାରୁ ପ୍ରତିଦିନ ଅନେକ ଭାରିଯାନ ବାଲି ନେବା ଦ୍ୱାରା ଚାଉଳମେଦି ଓ ଆମ୍ବଗୁଡା ଦୁଇଟି ପଞ୍ଚାୟତ ୩୨୬ ନମ୍ବର ଜାତୀୟ ରାଜପଥ ମୁଖ୍ୟ ରାସ୍ତା ସଂଯୋଗ କରୁଥିବା ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ଏହାଦ୍ୱାରା ଦୁଇଟି ପଞ୍ଚାୟତର ହଜାର ହଜାର ଲୋକ ମାଥିଲି ସଦର ମହକୁମାରେ ମେଡିକାଲ,ବ୍ଲକ ତହସିଲ ଓ ଥାନା କଚେରିକୁ ଯିବା ଆସିବା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାରୁ ବୁଧବାର ଚାଉଳମେଦି ଓ ଆମ୍ବାଗୁଡା ୨ ପଞ୍ଚାୟତ ଲୋକମାନେ ଏକତ୍ରିତ ହୋଇ ବାଲିଘାଟକୁ ଯିବା ଆସିବା କରୁଥିବା ଭାରିଯାନ ଅଟକ ରଖିବା ସହ ସ୍ଥାନୀୟ ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରିବା ପାଇଁ ଆସି ମାଥିଲିସ୍ଥିତ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ । କିନ୍ତୁ ତହସିଲଦାର ଚନ୍ଦନ କୁମାର ଭୋଇ ଅନୁପସ୍ଥିତ ଥିବାରୁ ଅତିରିକ୍ତ ତହସିଲଦାର ବ୍ରଜବିହାରୀ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଯେଉଁ ବ୍ୟକ୍ତିଙ୍କୁ ବାଲିଘାଟ ଦିଆଯାଇଛି, ତାହାର କୌଣସି ସୂଚନା ଫଳକ ଲାଗି ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଜାଣିପାରୁନାହାନ୍ତି । ଏହା ସହ ସମ୍ପୃକ୍ତ ବାଲିଘାଟ ନିଲାମଧାରୀ କେତେଜଣ ଲୋକଙ୍କ ବ୍ୟକ୍ତିଗତ ପଟ୍ଟା ଜମିରେ ରାସ୍ତା ନିର୍ମାଣକରି ଭାରିଯାନରେ ବାଲି ଚାଲାଣ କରୁଥିବା ଅଭିଯୋଗ କରିଛନ୍ତି ।


ମରଣଯନ୍ତା ପାଲଟିଥିବା ରାସ୍ତା ।

